# ଅଧ୍ୟାୟ - II

# ଆର୍ଥିକ ପରିଚାଳନା

# ଅଧ୍ୟାୟ II

## ଆର୍ଥିକ ପରିଚାଳନା

### 2.1 ପାଣ୍ଠି ର ଆବଶ୍ୟକତାର ନିର୍ଦ୍ଧାରଣ

ଏସଡବ୍ଲୁଏମ 2016 ର ମାନୁଆଲ୍ ର ବିଭାଗ 1.4.5.6.2 ଅନୁଯାୟୀ, ଏସଡବ୍ଲୁଏମ ସେବାଗୁଡିକ ସ୍ଥାୟୀ ଅଟେ ଯଦି ସେମାନେ ଏକାକୀ ଭିତ୍ତିରେ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ ଅଟନ୍ତି । ତେଣୁ, ଏସଡବ୍ଲୁଏମ ବ୍ୟବସ୍ଥାର ଯୋଜନା କରିବାରେ ଆର୍ଥିକ କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । 2015-20 ବର୍ଷ ପାଇଁ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ଆର୍ଥିକ ବିବରଣୀ ର ଯାଞ୍ଚରୁ ଜଣାପଡିଲା ଯେ ୟୁଏଲବି ଗୁଡିକ ମୁଖ୍ୟତଃ ଏସଡବ୍ଲୁଏମ ପାଇଁ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ । ତଥାପି, ଯାଞ୍ଚ କରାଯାଇଥିବା ୟୁଏଲବି ଗୁଡିକ ମଧ୍ୟରୁ କୌଣସିଟି ୟୁଏଲବି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିନଥିଲା । ଡିପିଆର ର ଅନୁପସ୍ଥିତିରେ, ଏସଡବ୍ଲୁଏମ କାର୍ଯ୍ୟକଳାପ ପାଇଁ ମୂଳଧନ ଏବଂ ରାଜସ୍ୱ ପାଣ୍ଠିର ଆବଶ୍ୟକତା ର ନିର୍ଦ୍ଧାରଣ ବାସ୍ତବିକ ହେବନାହିଁ ।

### 2.2 ପ୍ରାପ୍ତି ଓ ବ୍ୟୟ

ଏସଡବ୍ଲୁଏମ ନିୟମ 2016 ର ଧାରା 15 (x ) ଅନୁଯାୟୀ, ୟୁଏଲବି ଗୁଡିକ ପୁଞ୍ଜି ବିନିଯୋଗ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ପ୍ରଦାନ କରିବା ସହିତ ଏସଡବ୍ଲୁଏମ ସେବା ଗୁଡିକର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ପାଇଁ ବାର୍ଷିକ ବଜେଟରେ ଏସଡବ୍ଲୁଏମ ଏବଂ ଅନ୍ୟାନ୍ୟ ବାଧ୍ୟତାମୂଳକ କାର୍ଯ୍ୟଗୁଡିକ ପାଇଁ ଆବଶ୍ୟକ ପାଣ୍ଠିର ଆବଶ୍ୟକତା ପୂରଣ ହେଲାପରେ ଇଚ୍ଛାମୂଳକ କାର୍ଯ୍ୟ ପାଇଁ ପାଣ୍ଠି ଆବଣ୍ଟିତକୁ ସୁନିଶ୍ଚିତ କରିବା ପରେ, ବ୍ୟବସ୍ଥା କରିବା ଉଚିତ୍ ।

ତ୍ରୟୋଦଶ ଅର୍ଥ ଆୟୋଗ (ଟିଏଫସି)(2010-15)/ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍ସି)(2015-20), ଚାରୋଟି[8] ସେବା କ୍ଷେତ୍ର କୁ (ଏସଡବ୍ଲୁଏମ ଅନ୍ତର୍ଭୁକ୍ତ କରି ) ୟୁଏଲବି ମାନଙ୍କ ଦ୍ୱାରା ଯୋଗାଇଦେବାକୁ ଥିବା ସେବା ରେ ଅର୍ନ୍ତଭୁକ୍ତ କରିଥିଲେ । ଟିଏଫସି / ଏଫ୍ଏଫ୍ସି, ୟୁଏଲବି ମାନଙ୍କୁ ଦିଆଯାଉଥିବା ଅନୁଦାନ କୁ ଦୁଇ ଭାଗରେ ପ୍ରଦାନ କରିଥିଲେ – ଏକ ସାଧାରଣ ମୌଳିକ ଅନୁଦାନ ଏବଂ କାର୍ଯ୍ୟଦକ୍ଷତା ଅନୁଦାନ । 2015-20 ପାଇଁ ପରୀକ୍ଷା ହୋଇଥିବା ୟୁଏଲବି ର ପ୍ରାପ୍ତି ଏବଂ ଖର୍ଚ୍ଚର ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି :

**ସାରଣୀ - 2.1: ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ପ୍ରାପ୍ତି ଏବଂ ଖର୍ଚ୍ଚର ବିସ୍ତୃତ ବିବରଣୀ**

(₹କୋଟିରେ)

| ବର୍ଷ | ପୂର୍ବ ବର୍ଷର ବଳକା (ଓବି) | ରାଜସ୍ୱ ପ୍ରାପ୍ତି | ପୁଞ୍ଜି ପ୍ରାପ୍ତି | ମୋଟ ପାଣ୍ଠି | ରାଜସ୍ୱ ବ୍ୟୟ | ପୁଞ୍ଜି ବ୍ୟୟ | ସମୁଦାୟ ବ୍ୟୟ | ଏସଡବ୍ଲୁଏମ ବ୍ୟୟ (ଶତକଡା) | ବଳକା ପାଣ୍ଠି |
|---|---|---|---|---|---|---|---|---|---|
| 2015-16 | 103.90 | 146.12 | 253.06 | 503.08 | 112.26 (42.12) | 154.29 (57.88) | 266.55 | 81.57 (16.21) | 236.53 |
| 2016-17 | 236.53 | 190.61 | 336.28 | 763.42 | 163.22 (43.77) | 209.69 (56.23) | 372.91 | 118.03 (15.46) | 390.51 |
| 2017-18 | 390.51 | 209.56 | 352.88 | 952.95 | 184.96 (36.77) | 318.03 (63.23) | 502.99 | 133.33 (13.99) | 449.96 |
| 2018-19 | 449.96 | 316.40 | 328.07 | 1,094.43 | 233.97 (45.21) | 283.53 (54.79) | 517.50 | 146.76 (13.41) | 576.93 |
| 2019-20 | 576.93 | 242.51 | 650.95 | 1470.39 | 204.53 (40.46) | 301.03 (59.54) | 505.56 | 168.74 (11.48) | 964.83 |
| ମୋଟ | | 1,105.20 | 1,921.24 | | 898.94 | 1,266.57 | 2,165.51 | 648.43 | |

(ଉତ୍ସ : ୟୁଏଲବି ଦ୍ୱାରା ପ୍ରଦତ୍ତ ସୂଚନା)

ବି.ଦ୍ର : ପୂର୍ବ ବର୍ଷର ଅବ୍ୟବହୃତ ପରିମାଣ ବଳକା ଭାବେ ଦର୍ଶାଯାଇଛି

ଏହା ଦେଖାଗଲା ଯେ, ପାରାଗ୍ରାଫ୍ 3.6 ରେ ଆଲୋଚନା ହୋଇଥିବା ଏସଡବ୍ଲୁଏମ କାର୍ଯ୍ୟଦକ୍ଷତା ପାଇଁ ସେବା ସ୍ତରର ବେଞ୍ଚମାର୍କ ର (ଏସଏଲବି) ନିର୍ଦ୍ଧାରିତ ଶତକଡା 80 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ହାସଲ ନହେବା ସତ୍ତ୍ୱେ ଏସଡବ୍ଲୁଏମ

[8] ଚାଲୁ ହେବାକୁ ଥିବା ଅତ୍ୟାବଶ୍ୟକ ସେବା : ଜଳଯୋଗାଣ ସେବା, ସେଉରେଜ୍ ପରିଚାଳନା,କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବାତ୍ୟା ଜଳର ନିଷ୍କାସନ

ଉପରେ ଖର୍ଚ୍ଚ ୟୁଏଲବି ରେ ଉପଲବ୍ଧ ପାଣ୍ଠିର 11 ରୁ 16 ପ୍ରତିଶତ ଥିଲା ଫଳରେ ମାର୍ଚ୍ଚ 2020 ଶେଷସୁଦ୍ଧା ₹964.83 କୋଟି[9] ର ବାଲାନ୍ସ ଜମା ହୋଇଛି ଯାହା ***(ପରିଶିଷ୍ଟ-III)*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଉପରୋକ୍ତ ଅନୁଦାନ ମଧ୍ୟରୁ 2015-20 ମଧ୍ୟରେ ଏସଡବ୍ଲୁଏମ ରେ ପୃଥକିକରଣ , ସଂଗ୍ରହ ଏବଂ ପରିବହନ ପରି ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ₹648.43 କୋଟି ର ବ୍ୟୟ କରାଯାଇଥିଲା । ଏହି କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ୟୁଏଲବି ଦ୍ୱାରା କର୍ମଚାରୀମାନେ ନିୟୋଜିତ ହୋଇଥିଲେ ମଧ୍ୟ, 2015-20 ମଧ୍ୟରେ ସହର ଏବଂ ସହର ଗୁଡିକରେ ଏସଡବ୍ଲୁଏମ ର ପରିସ୍ଥିତି ସନ୍ତୋଷଜନକ ଠାରୁ ବହୁଦୂରରେ ଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି । ଏସଡବ୍ଲୁଏମ ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟ ସରକାର ମଧ୍ୟ ପର୍ଯ୍ୟାପ୍ତ ରଣନୀତି ପ୍ରସ୍ତୁତ କରିନାହାନ୍ତି । ସମ୍ପତ୍ତି ସୃଷ୍ଟିରେ ଅଭାବ ଥିବା ତ୍ରୁଟିଗୁଡିକ ଅନୁଚ୍ଛେଦ 5.1.1 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଫଳସ୍ୱରୂପ, କଠିନ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପ୍ରସଙ୍ଗ କୁ ଉପଯୁକ୍ତ ଧ୍ୟାନ ଦିଆଯାଇନଥିଲା ଏବଂ ପାଣ୍ଠିର ଉପଲବ୍ଧ ଥିବା ସତ୍ତ୍ୱେ ଏସଡବ୍ଲୁଏମ କାର୍ଯ୍ୟକଳାପର ସମ୍ପତ୍ତି ସୃଷ୍ଟି କରି ପ୍ରକ୍ରିୟା କରଣ /ପୁନଃ ବ୍ୟବହାର ପାଇଁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ୟୁଏଲବି ଗୁଡିକ ପାଣ୍ଠିର ବ୍ୟବହାର କରିନଥିଲେ । ବର୍ଜ୍ୟବସ୍ତୁ ପରିଚାଳନା ର ବିକେନ୍ଦ୍ରୀକରଣ ପାଇଁ ମାନକ ଅପରେଟିଂ ପଦ୍ଧତି (ଏସଓପି) ଜୁଲାଇ 2019 ର ପ୍ରକାଶନ ପରେ, ଜିଓଓ ପ୍ରକ୍ରିୟା/ ପୁନଃ ବ୍ୟବହାର କରିବାକୁ ଏମସିସି/ଏମଆରଏଫ୍ ନିର୍ମାଣ ପାଇଁ ୟୁଏଲବି କୁ ରାଜ୍ୟ ଅନୁଦାନ (ଏସଡବ୍ଲୁଏମ) ପ୍ରଦାନ କଲେ । ପରନ୍ତୁ, ସମ୍ପତ୍ତି ସୃଷ୍ଟି କରି କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ / ପୁନଃ ବ୍ୟବହାର ପାଇଁ ୟୁଏଲବି ଗୁଡିକ ଏହି ପାଣ୍ଠି ବ୍ୟବହାର କରିନଥିଲେ ।

ଏଫସିସିଙ୍କର ମଞ୍ଜୁରୀ ଆଦେଶ ଅନୁଯାୟୀ, ଜିଓଆଇ ରୁ ପ୍ରାପ୍ତ ହେବାର 15 ଦିନ ମଧ୍ୟରେ ବିଭାଗ ସଂପୃକ୍ତ ୟୁଏଲବିକୁ ପାଣ୍ଠି ପ୍ରଦାନ କରିବାର ଥିଲା । ଯଦି ୟୁଏଲବି ଗୁଡିକୁ କିସ୍ତି ଦେବାରେ ବିଳମ୍ବ ହୁଏ, ତେବେ ବିଭାଗକୁ କିସ୍ତି ସହିତ ବିଳମ୍ବିତ ଦିନ ପାଇଁ ବ୍ୟାଙ୍କ ହାରରେ ସୁଧ ଦେବାକୁ ପଡିବାର ଥିଲା । ଅଡିଟ୍ ନୀରିକ୍ଷଣ କଲା ଯେ 2019-20 ମଧ୍ୟରେ ୟୁଏଲବିକୁ ₹425.39 କୋଟି ରିଲିଜ୍ ହେବାରେ ବିଳମ୍ବ ହେତୁ ବିଭାଗ ୟୁଏଲବି ଗୁଡିକୁ ₹99.13 ଲକ୍ଷ ସୁଧ ଦେଲା ।

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି, ସରକାର କହିଲେ(ମଇ 2022) ଯେ, ଏସଓପି (2019) ଜାରି ହେଲାପରେ, ଏମଏସଡବ୍ଲୁ ପ୍ରକ୍ରିୟାକରଣ ଲାଗି ୟୁଏଲବି ଗୁଡିକ ବିକେନ୍ଦ୍ରୀକୃତ ପ୍ରକ୍ରିୟାକରଣ/ନିଷ୍କାସନ ସୁବିଧା (ଏମସିସି/ଏମଆରଏଫ୍) ସ୍ଥାପନ ନିମନ୍ତେ ପଦକ୍ଷେପ ନେଲେ । କୋଭିଡ୍-19 ମହାମାରୀ ଯୋଗୁଁ ୟୁଏଲବି ଗୁଡିକ ଦରକାର ଥିବା ଭିତ୍ତିଭୂମି ସୃଷ୍ଟି କରିପାରିନଥିଲେ । ତଥ୍ୟ ଏହା ଥିଲା ଯେ, ମାର୍ଚ୍ଚ 2020 ସୁଦ୍ଧା ୟୁଏଲବି ଗୁଡିକ ଏମଏସଡବ୍ଲୁ ପ୍ରକ୍ରିୟାକରଣ ପାଇଁ ସୃଷ୍ଟି ହେବାକୁଥିବା ଭିତ୍ତିଭୂମି ଲାଗି ଉପଲବ୍ଧ ଥିବା ପାଣ୍ଠିକୁ ବ୍ୟବହାର କରି ନଥିଲେ ।

## 2.3 କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ ର ଲାଗୁ ଏବଂ ସଂଗ୍ରହ

ଓଡିଶା ମ୍ୟୁନିସିପାଲିଟି (ଓଏମ୍) ଅଧିନିୟମର ଧାରା 131 ଏବଂ 132 ଏବଂ ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ (ଓଏମସି) ଆକ୍ଟ 2003 ର ଧାରା 193 ଏବଂ ଏସଡବ୍ଲୁଏମ ନିୟମ, 2016 ର ଧାରା 15 (ଏଫ୍) କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ ଏବଂ ବିସର୍ଜନ ଉଦ୍ଦେଶ୍ୟରେ ଏସଡବ୍ଲୁଏମ ଉପଭୋକ୍ତା ଦେୟ ଆଦାୟ ପାଇଁ ଦର୍ଶାଇ ଥାଏ । ବର୍ଜ୍ୟବସ୍ତୁ ପରିଚାଳନାର ଉପବିଧି ନିୟମ (କାର୍ଯ୍ୟସୂଚୀ-2) ମଧ୍ୟ ଘରମାନଙ୍କରୁ ଉପଭୋକ୍ତା ଦେୟ ର ଦର ଆଦାୟ ପାଇଁ ସୂଚାଉଥାଏ । ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା 21 ୟୁଏଲବି ମଧ୍ୟରୁ କେବଳ ସାତଟି[10] ୟୁଏଲବି 2017-21 ମଧ୍ୟରେ ଏସଡବ୍ଲୁଏମ ପାଇଁ ଉପଭୋକ୍ତା ଫି ସଂଗ୍ରହ କରିଥିଲେ । ଉପଭୋକ୍ତା ଫି ଲାଗୁ ଏବଂ ସଂଗ୍ରହ ପାଇଁ ନିୟମାବଳୀ ବଳବତ୍ତର ନହେବା ଯୋଗୁଁ, ₹161.41 କୋଟିର ଚାହିଦା ବିରୁଦ୍ଧରେ, ମାର୍ଚ୍ଚ 2021 ସୁଦ୍ଧା କେବଳ ₹0.70 କୋଟି ସଂଗ୍ରହ କରାଯାଇଥିଲା ଏବଂ ₹160.71 କୋଟି ରାଜସ୍ୱ ହାନି ହୋଇଯାଇଥିଲା ଯାହା ***(ପରିଶିଷ୍ଟ – IV)*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଅଡିଟ୍ ରୁ ଆହୁରି ମଧ୍ୟ ଜଣାଗଲା ଯେ ୟୁଏଲବି ଗୁଡିକ ଶତପ୍ରତିଶତ ମୌଳିକ ସୁବିଧା ଯେପରିକି ଉତ୍ସରୁ ବର୍ଜ୍ୟବସ୍ତୁ କୁ ପୃଥକିକରଣ କରିବା ଅଭ୍ୟାସ ନିମନ୍ତେ ପ୍ରତି ଘରେ

---

[9] ୟୁଏଲବି: ବଲାଙ୍ଗିର)₹14.18 କୋଟି(,ଭୁବନେଶ୍ୱର (₹88.81 କୋଟି),ବରଗଡ )₹31.23 କୋଟି(,ବାରିପଦା )₹25.29 କୋଟି(, ବ୍ରହ୍ମପୁର )₹85.95 କୋଟି), ଭଦ୍ରକ )₹145.38 କୋଟି(, ଚାନ୍ଦବାଲି )₹22.44 କୋଟି( , ଛତ୍ରପୁର )₹3.74 କୋଟି),ଚୌଦ୍ୱାର)₹13.00 କୋଟି(, କଟକ )₹104.33 କୋଟି(,ଗୁଣୁପୁର )₹10.59 କୋଟି(, ହିଞ୍ଜିଳୀକଟ୍ )₹3.10 କୋଟି(,ଜୟପୁର )₹42.15 କୋଟି(, ଝାରସୁଗୁଡା)₹43.75 କୋଟି(,ନୂଆପଡା )₹10.09 କୋଟି(,ପୁରୀ )₹ 90.98 କୋଟି(, ରଣପୁର)₹4.52 କୋଟି(, ରାୟଗଡା)₹18.35 କୋଟି(, ରାଉରକେଲା )₹78.96 କୋଟି(,ସମ୍ବଲପୁର (₹119.03 କୋଟି) ଏବଂ ସୁନ୍ଦରଗଡ (₹8.96 କୋଟି)

[10] ଭଦ୍ରକ (ଅଗଷ୍ଟ 2020 ଠାରୁ ),ରାୟଗଡା (ଅଗଷ୍ଟ 2020 ଠାରୁ),ବରଗଡ (ଏପ୍ରିଲ 2017ଠାରୁ),ଚାନ୍ଦବାଲି(ଜାନୁଆରୀ 2021 ଠାରୁ), ଗୁଣପୁର (ଏପ୍ରିଲ 2021 ଠାରୁ) ଏବଂ ରାଉରକେଲା (ମେ 2020 ଠାରୁ)

ଡଷ୍ଟବିନ ଯୋଗାଇବା, କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ଦୈନନ୍ଦିନ ୟୁଏଲବିର ୱାର୍ଡର ରାସ୍ତା / ସଡକ ସଫା କରିବା ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ବିଫଳ ହୋଇଥିଲେ ।

ସ୍ୱଳ୍ପ ରାଜସ୍ୱ ସଂଗ୍ରହ ହେତୁ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ 2015-20 ମଧ୍ୟରେ ଏସଡବ୍ଲୁଏମ କାର୍ଯ୍ୟକଳାପ ସହିତ ନିଜସ୍ୱ ସମ୍ବଳ ଉତ୍ପାଦନ ଏବଂ ରାଜସ୍ୱ ବ୍ୟୟ ମଧ୍ୟରେ ବ୍ୟବଧାନର ବୃଦ୍ଧି ହୋଇଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ସମ୍ବଳ-ବ୍ୟୟ ମଧ୍ୟରେ ବ୍ୟବଧାନ ₹81.33 କୋଟି (2015-16) ରୁ ₹168.73 କୋଟି କୁ (2019-20) ବୃଦ୍ଧି ହୋଇଥିଲା ***(ପରିଶିଷ୍ଟ – V)***

ସରକାର କହିଲେ(ମେଇ 2022) ଯେ, ସମସ୍ତ ବର୍ଜ୍ୟ ଉତ୍ପାଦନକାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ ନିମନ୍ତେ ଆଇସି କାର୍ଯ୍ୟକଳାପ ମାଧ୍ୟମରେ ଜନଜାଗରଣ ସୃଷ୍ଟି ଲାଗି ସମସ୍ତ ୟୁଏଲବି ଗୁଡିକୁ ଉପଦେଶ ଦିଆଯାଇଛି । ପରନ୍ତୁ, ତଥ୍ୟ ଏହା ଯେ, ନିର୍ଦ୍ଦେଶ ଗୁଡିକ ପ୍ରଭାବଶାଳୀ ନଥିଲା ଯେହେତୁ ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବ୍ୟବହାର ଶୁଳ୍କର ସଂଗ୍ରହ ନଗଣ୍ୟ ଥିଲା ।

### 2.3.1 ରେଳ କର୍ତ୍ତୃପକ୍ଷ / ଅନ୍ୟାନ୍ୟ ପ୍ରତିଷ୍ଠାନରୁ ଉପଭୋକ୍ତା ଦେୟ ସଂଗ୍ରହ ନ କରିବା

ଏସଡବ୍ଲୁଏମ ମାନୁଆଲର ଧାରା 2.2.1.5 ଅନୁସାରେ, ଏସଡବ୍ଲୁଏମ ନିୟମ, 2016 ଶିଳ୍ପ ସହରାଞ୍ଚଳ, ଭାରତୀୟ ରେଳବାଇ, ବିମାନବନ୍ଦର, ଏଆରବେସ୍, ବନ୍ଦର, ପ୍ରତିରକ୍ଷା ପ୍ରତିଷ୍ଠାନ,ସତନ୍ତ୍ର ଅର୍ଥନୈତିକ ଜୋନ୍ ଇତ୍ୟାଦି ଶିଳ୍ପାଞ୍ଚଳ ପାଇଁ ମଧ୍ୟ ପ୍ରଯୁଜ୍ୟ । ଏହିପରି, ଉପଭେକ୍ତା ଦେୟ ସେହି କର୍ତ୍ତୃପକ୍ଷ ବା ଅଧିକାରୀଙ୍କଠାରୁ ସଂଗ୍ରହ କରାଯିବା ଉଚିତ୍ ।

ଛଅଟି[11] ପରୀକ୍ଷଣ - ଯାଞ୍ଚ ହୋଇଥିବା ୟୁଏଲବି ରେ, ଭାରତୀୟ ରେଳ ନିୟନ୍ତ୍ରଣରେ ଥିବା ଅଞ୍ଚଳଗୁଡିକ ମ୍ୟୁନିସିପାଲିଟି ସହର ସୀମା ମଧ୍ୟରେ ଥିଲା । ରେଳ ପରିସର ମଧ୍ୟରେ ସୃଷ୍ଟି ହୋଇଥିବା ବର୍ଜ୍ୟବସ୍ତୁ ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ତଥାପି, କୌଣସିଟି ୟୁଏଲବି ଭାରତୀୟ ରେଳବାଇ ଠାରୁ ବର୍ଜ୍ୟବସ୍ତୁ ଉତ୍ପାଦନ ପାଇଁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରିନଥିଲେ ।

ସରକାର କହିଲେ(ମେଇ 2022) ଯେ, ରେଲୱେ ଟ୍ରାକ୍ ଏବଂ ପ୍ଲାଟଫର୍ମ ରେ ଏସଡବ୍ଲୁଏମ ନିୟମ 2016 ଲାଗୁ କରିବା ଲାଗି ରେଲୱେ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ।ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ , ଏସଡବ୍ଲୁଏମ ନିୟମ 2016 ଅନୁଯାୟୀ ୟୁଏଲବି ଗୁଡିକ ଭାରତୀୟ ରେଲୱେ ଅଧିନରେ ଥିବା ଅଞ୍ଚଳ ଗୁଡିକରୁ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଉତ୍ତରଦାୟୀ ।

### 2.3.2 ଯାଞ୍ଚସ୍ଥଳରୁ ଜୋରିମାନା ସଂଗ୍ରହ ନ କରିବା

ଏସଡବ୍ଲୁଏମ ନିୟମର ଧାରା 15 )zf) ରେ ଦର୍ଶାଯାଇଛି ଯେ ୟୁଏଲବି ଗୁଡିକ ଉପବିଧି ଗଠନ କରିବା ଉଚିତ ଏବଂ ଏହି ଉପବିଧି ନିୟମଗୁଡିକର ନିୟମାବଳୀକୁ ପାଳନ କରିବାରେ ବିଫଳ ହୋଇଥିବା କିମ୍ବା ରାସ୍ତାରେ ଆବର୍ଜନା ପକାଉଥିବା ବ୍ୟକ୍ତିଙ୍କ ପାଇଁ ଯାଞ୍ଚସ୍ଥଳରେ ଜୋରିମାନା ଆଦାୟ ପାଇଁ ମାନଦଣ୍ଡ ନିର୍ଦ୍ଦେଶ ଦେବା ଉଚିତ ଏବଂ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ ନିମନ୍ତେ ଅଧିକାରୀ କିମ୍ବା ସ୍ଥାନୀୟ ସଂସ୍ଥାକୁ କ୍ଷମତା ପ୍ରଦାନ କରିବା ଉଚିତ୍ । ବର୍ଜ୍ୟବସ୍ତୁ ପରିଚାଳନାର ଉପବିଧି ନିୟମ (କାର୍ଯ୍ୟସୂଚୀ-2) ମଧ୍ୟ କଠିନ ବର୍ଜ୍ୟବସ୍ତୁ ରାସ୍ତାରେ ପକାଇବା ପାଇଁ ଯାଞ୍ଚସ୍ଥଳରୁ ଜୋରିମାନା ସଂଗ୍ରହ ପାଇଁ ଅନୁମତି ପ୍ରଦାନ କରିଥିଲା ।

ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା କରାଯାଇଥିବା ୟୁଏଲବି ମଧ୍ୟରୁ କୌଣସି ୟୁଏଲବି ପରିବାର,ସମ୍ପ୍ରଦାୟ ଭିତ୍ତିକ ସଂଗଠନ (ସିବିଓସ), ମାର୍କେଟ୍ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଇତ୍ୟାଦି ରେ ଏସଡବ୍ଲୁଏମ ନିୟମ ଖିଲାପକାରୀଙ୍କ ଠାରୁ ମାର୍ଚ୍ଚ 2021 ସୁଧା ଯାଞ୍ଚସ୍ଥଳରେ ଆବର୍ଜନା ପକାଇବା ପାଇଁ ଜୋରିମାନା ଆଦାୟ କରିନାହାନ୍ତି ।

ସରକାର କହିଲେ(ମେଇ 2022) ଯେ, ଏସଡବ୍ଲୁଏମ ବାଇ-ଲ ଗୁଡିକ ରାଜ୍ୟର ସମସ୍ତ ୟୁଏଲବି ମାନଙ୍କଦ୍ୱାରା ଅଧିସୂଚିତ କରାଯାଇଛି । ନିୟମ ଗୁଡିକ କଡାକଡି ଭାବେ ପାଳନଲାଗି ପ୍ରତ୍ୟେକ ୟୁଏଲବି ଗୁଡିକରେ ସ୍କ୍ୱାଡ ଗଠିତ ହୋଇଛି । ସ୍କ୍ୱାଡ ସ୍ପଟ୍ ଫାଇନ୍ ଲାଗୁ କରିବା ସହ ଉଲଘଂନକାରୀଙ୍କ ଠାରୁ ଦେୟ ଆଦାୟ କରନ୍ତି । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ କୌଣସି ୟୁଏଲବି ଏସଡବ୍ଲୁଏମ ନିୟମ ଉଲଘଂନ ଲାଗି ସ୍ପଟ୍ ଫାଇନ ଲାଗୁ କରିବା ଏବଂ ଦେୟ ଆଦାୟର ଦସ୍ତାବିଜ ସାକ୍ଷ୍ୟ ଦେଇନଥିଲେ ।

[11] ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ,କଟକ ମ୍ୟୁନିସିପାଲ କର୍ପୋରେସନ,ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ,ଭଦ୍ରକ ମ୍ୟୁନିସିପାଲିଟି, ଝାରସୁଗୁଡା ମ୍ୟୁନିସିପାଲିଟି ଏବଂ ରାୟଗଡା ମ୍ୟୁନିସିପାଲିଟି

## 2.4 କେନ୍ଦ୍ରୀୟ ଅନୁଦାନ ହରାଇବା

ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍‌ଏଫ୍‌ସି) ସୁପାରିଶ ର ଅନୁଚ୍ଛେଦ 9.70 ଏବଂ 9.71 ଅନୁଯାୟୀ , ଜିଓଆଇ ୟୁଏଲବି ପାଇଁ ମୌଳିକ ଅନୁଦାନ (ବିଜି) ଏବଂ କାର୍ଯ୍ୟଦକ୍ଷତା ଅନୁଦାନ (ପିଜି) ବଣ୍ଟନ କରେ । ବିଜି ୟୁଏଲବି ଗୁଡିକୁ ଦିଆଯାଇଥିବା ମୌଳିକ କାର୍ଯ୍ୟଗୁଡିକ ସଂମ୍ପାଦନ କରିବା ପାଇଁ ସର୍ତ୍ତବିହୀନ ସହାୟତା ଅଟେ । ପିଜି ନିମନ୍ତେ ଯୋଗ୍ୟ ହେବା ପାଇଁ , ୟୁଏଲବି ଗୁଡିକୁ ଅଡିଟ୍ ହୋଇଥିବା ବାର୍ଷିକ ଆକାଉଣ୍ଟସ୍ ଦାଖଲ କରିବାକୁ ପଡିବ ଯାହା ଏକ ବର୍ଷ ସହିତ ଜଡିତ ଅଟେ ତାହା ଦାବି କରାଯାଇଥିବା ବର୍ଷର ଦୁଇବର୍ଷ ପୂର୍ବରୁ ହୋଇନଥିବ । ଏହା ମଧ୍ୟ ପୂର୍ବ ବର୍ଷ ତୁଳନାରେ ନିଜସ୍ୱ ରାଜସ୍ୱର ବୃଦ୍ଧି ଦେଖାଇବାକୁ ପଡିବ, ଯେପରି ଅଡିଟ୍ ହୋଇଥିବା ଆକାଉଣ୍ଟରେ ପ୍ରତିଫଳିତ ହୋଇଥିବ । ଏହା ସହିତ, ୟୁଏଲବି ଗୁଡିକୁ ଅତ୍ୟାବଶ୍ୟକ ସେବା ପାଇଁ ଏସଏଲବି ର ହିସାବ ଏବଂ ପ୍ରକାଶନ କରିବାକୁ ପଡିବ । 2015-20 ମଧ୍ୟରେ ଜିଓଆଇ ରୁ ପ୍ରାପ୍ତ ବିଜି ଏବଂ ପିଜିର ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ - 2.2 : 2015-20 ଅବଧି ମଧ୍ୟରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍‌ଏଫ୍‌ସି) ଅନୁଦାନର ସୁପାରିଶ ଏବଂ ଅଭାବ**

(₹କୋଟିରେ)

| ବର୍ଷ | ଏଫ୍‌ଏଫ୍‌ସି ଅନୁଦାନ ସୁପାରିଶ କରାଯାଇଛି | | | ଏଫ୍‌ଏଫ୍‌ସି ଅନୁଦାନ ପ୍ରାପ୍ତ | | | ଅନୁଦାନର ଅଭାବ | | |
|---|---|---|---|---|---|---|---|---|---|
| | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ |
| 2015-16 | 170.10 | 0.00 | 170.10 | 162.44 | 0.00 | 162.44 | 7.66 | 0.00 | 7.66 |
| 2016-17 | 235.54 | 69.52 | 305.06 | 231.26 | 68.26 | 299.52 | 4.28 | 1.26 | 5.54 |
| 2017-18 | 272.14 | 78.67 | 350.81 | 258.84 | 0.00 | 258.84 | 13.30 | 78.67 | 91.97 |
| 2018-19 | 314.82 | 89.34 | 404.16 | 292.73 | 0.00 | 292.73 | 22.09 | 89.34 | 111.43 |
| 2019-20 | 425.39 | 116.98 | 542.37 | 425.39 | 0.00 | 425.39 | 0.00 | 116.98 | 116.98 |
| ମୋଟ | 1417.99 | 354.51 | 1772.50 | 1370.66 | 68.26 | 1438.92 | 47.33 | 286.25 | 333.58 |

*(ଉତ୍ସ : ଡିଏମଏ ଦ୍ୱାରା ଏହି ସୂଚନା ପ୍ରଦାନ କରାଯାଇଛି)*

ଉପର ସାରଣୀରୁ, ଏହା ଦେଖାଯାଇପାରେ ଯେ ₹333.58 କୋଟି (ପିଜି ₹286.25 କୋଟି + ବିଜି ₹47.33 କୋଟି) ର କେନ୍ଦ୍ରୀୟ ସାହାଯ୍ୟ ଯାହା ୟୁଏଲବି ଗୁଡିକରେ ଚାରୋଟି ମୌଳିକ ସେବା ରେ ଏସଏଲବି ହାସଲ ନ କରିବା ହେତୁ ସ୍ୱଚ୍ଛ ରାଜସ୍ୱ ବୃଦ୍ଧି, ନିର୍ବାଚନ ନକରିବା ଏବଂ ବାର୍ଷିକ ସମୀକ୍ଷା ଆକାଉଣ୍ଟସ୍ ପ୍ରସ୍ତୁତି ହୋଇନଥିବାରୁ କ୍ଷତି ଘଟିଛି ।

ପ୍ରସ୍ଥାନ ସମ୍ମିଳନୀ (ଏପ୍ରିଲ୍ 2022) ରେ ଡିଏମଏ ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରିଥିଲେ ।